# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**15 October– 2026**

---

## ପିଏମ୍-ଏସିଆନ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଏସୀୟ କ୍ରୀଡ଼ା ୨୦୨୬ରେ ଅଂଶଗ୍ରହଣ କରିଥିବା ଭାରତୀୟ କ୍ରୀଡ଼ାବିତ୍ ମାନଙ୍କ ସହ ବାର୍ତ୍ତାଳାପ କରିବେ । ଏହି ଅବସରରେ ସେ ଉପସ୍ଥିତ ଜନତାଙ୍କୁ ମଧ୍ୟ ସମ୍ବୋଧିତ କରିବେ । ଜାପାନର ଆଇଚି-ନାଗୋୟାଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି ବ୍ରୋଞ୍ଜ ପଦକ ଜିତି ତାଲିକାର ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ଏସୀୟ କ୍ରୀଡ଼ାରେ ଶ୍ରେଷ୍ଠ ୫ଟି ଦେଶ ମଧ୍ୟରେ ଭାରତ କ୍ରମାଗତ ପାଇଁ ଦ୍ୱିତୀୟଥର ଏହି ସ୍ଥାନ ହାସଲ କରିଛି ।

---

## ଛାତ୍ରସଂସଦ ନିର୍ବାଚନ

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆଜି ଛାତ୍ରସଂସଦ ନିର୍ବାଚନ ପାଇଁ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ । ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ ହେବା ପରେ ଭୋଟ୍‌ଗଣନା କରାଯାଇ ଫଳାଫଳ ଘୋଷଣା କରାଯିବ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ’ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବିନା ହିଂସାରେ ଶାନ୍ତିଶୃଙ୍ଖଳାର ସହ ମତଦାନ କରିବାକୁ ଶ୍ରୀ ସୂରଯ ଛାତ୍ରଛାତ୍ରୀମାନଙ୍କୁ ନିବେଦନ କରିଛନ୍ତି । ସୂଚନା ଅନୁଯାୟୀ

ରାଜ୍ୟର ୩୨୮ଟି ମହାବିଦ୍ୟାଳୟ ଏବଂ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ପାଇଁ ୬ ହଜାରୁ ଅଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସନ୍ତାକାଲି ବିଜୟୀ ପ୍ରାର୍ଥୀମାନେ ଶପଥଗ୍ରହଣ କରିବେ ।

## ଟ୍ରେନ୍ ଟିକଟ ବୀମା-ସୁପ୍ରିମକୋର୍ଟ

ସମସ୍ତ ଟ୍ରେନ୍ ଯାତ୍ରୀଙ୍କୁ ସୁରକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ଆସନ୍ତା ୨୭ ତାରିଖରୁ କାଉଣ୍ଟରରୁ କିଣାଯାଉଥିବା ସମସ୍ତ ଟିକଟ ଉପରେ ବୀମା ସୁବିଧା ପ୍ରଦାନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ରେଳ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୩ ମସିହାରେ ବାଲେଶ୍ୱରରେ ଘଟିଥିବା ଟ୍ରେନ୍ ଦୁର୍ଘଟଣା ସମ୍ପର୍କିତ ଏକ ଆବେଦନର ବିଚାର କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି ।

## ବଜ୍ରପାତ ସୁରକ୍ଷା କର୍ମଶାଳା

ବଜ୍ରପାତ ଜନିତ ମୃତ୍ୟୁ ଓ କ୍ଷୟକ୍ଷତି ହ୍ରାସ କରିବା ପାଇଁ ବୈଜ୍ଞାନିକ, ବୈଷୟିକ ତଥା ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ଲକ୍ଷ୍ୟରେ ଆଜିଠାରୁ ଦୁଇଦିନଧରି ଭୁବନେଶ୍ୱରଠାରେ ଏକ ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହେବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କର୍ମଶାଳାର ଉଦ୍‌ଘାଟନ କରିବେ । ଓଡ଼ିଶା ରାଜ୍ୟ ବିର୍ପ୍ୟୟ ପରିଚାଳନା କର୍ତ୍ତୃପକ୍ଷ-ଓସ୍‌ଡମା ପକ୍ଷରୁ ଆୟୋଜିତ ଏହି କର୍ମଶାଳରେ ଦେଶର ପ୍ରମୁଖ ବୈଜ୍ଞାନିକ ଓ ବୈଷୟିକ ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ଗବେଷକ ଏବଂ

ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେବେ । ବଜ୍ରପାତର ପୂର୍ବାନୁମାନ, ବିପଦ ଆକଳନ, ଆଗୁଆ ସତର୍କସୂଚନା ପ୍ରସାର ଏବଂ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

## ପୁଲିସ ସେବା ପରୀକ୍ଷା–ତଥ୍ୟ ଅପ୍‌ଡେଟ୍

ରାଜ୍ୟରେ ହେବାକୁ ଥିବା ମିଳିତ ପୁଲିସ ସେବା ପରୀକ୍ଷା ୨୦୨୪ ପାଇଁ ସମସ୍ତ ପ୍ରାର୍ଥୀଙ୍କୁ ସେମାନଙ୍କ ତଥ୍ୟ ଅପ୍‌ଡେଟ୍ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ଓଡ଼ିଶା ୟୁନିଫର୍ମ୍‌ଡ ସେବା କର୍ମଚାରୀ ଚୟନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୨୯ ତାରିଖ ରାତି ୧୦ଟା ମଧ୍ୟରେ ସମସ୍ତ ଆବେଦନକାରୀଙ୍କୁ ବୈଧିକରଣ ନିମନ୍ତେ ତଥ୍ୟ ଅପ୍‌ଡେଟ୍ କରିବାକୁ ପଡ଼ିବ । ଆବେଦନ କରିଥିବା ପ୍ରାର୍ଥୀମାନେ **oussc.odisha.gov.in** ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରି ତଥ୍ୟ ଅପ୍‌ଡେଟ୍ କରିପାରିବେ ବୋଲି ସୂଚନା ଦିଆଯାଇଛି ।

## ବାଚସ୍ପତି–ଉଦ୍‌ଘାଟନ

ନୟାଗଡ ଜିଲ୍ଲା ଓଡଗାଁ ବ୍ଲକ ଅନ୍ତର୍ଗତ ଗୋଡିପଡ଼ା ଗ୍ରାମ ପଞ୍ଚାୟତରେ ବାଚସ୍ପତି ସୁରମା ପାଢ଼ୀ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କରିଛନ୍ତି । ଶ୍ରୀମତୀ ପାଢ଼ୀ କୋଠଘର, ଅଙ୍ଗନବାଡି କେନ୍ଦ୍ର ପ୍ରଭୃତି ଉଦ୍‌ଘାଟନ କରି ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପୂରଣ କରିବ ବୋଲି କହିଥିଲେ ।

## ନବରାତ୍ରୀ ପୂଜାର୍ଚ୍ଚନା

ନବରାତ୍ରିର ପଞ୍ଚମ ଦିବସରେ ଆଜି ବିଭିନ୍ନ ଶକ୍ତି ପୀଠରେ ରୀତିନୀତି ସହ ପୂଜାର୍ଚ୍ଚନା ସାଙ୍ଗକୁ ମାଙ୍କ ସ୍କନ୍ଦମାତା ବେଶ ଅନୁଷ୍ଠିତ ହେଉଛି । କାର୍ତ୍ତିକେୟଙ୍କର ଅନ୍ୟ ନାମ 'ସ୍କନ୍ଦ' । ନବରାତ୍ରିର ପଞ୍ଚମ ଦିନରେ ତାଙ୍କର ମାତାରୂପ ହେଉଛି ଦେବୀଙ୍କର ସ୍ୱରୂପ । ଏଣୁ ସ୍କନ୍ଦମାତା ରୂପେ ସେ କୋଳରେ ଶିଶୁକାର୍ତ୍ତିକେୟଙ୍କୁ ଧରି ଥାଆନ୍ତି ।

---

## ବିଶ୍ୱ ହାତଧୁଆ ଦିବସ

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ହାତଧୁଆର ଗୁରୁତ୍ୱ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଉଛି । ଲୋକଙ୍କ ମଧ୍ୟରେ ହାତ ଧୋଇବା ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ଏହି ଦିବସ ଉତ୍ସାହିତ କରିଥାଏ । ୨୦୦୮ ମସିହାରେ ବିଶ୍ୱ ହାତଧୁଆ ପାର୍ଟନରସିପ୍ ପକ୍ଷରୁ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା ।

---

## ପୋଷଣ କାର୍ଯ୍ୟକ୍ରମ

ପିଏମ୍ ପୋଷଣ ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ପ୍ରସାଦ ମିଶ୍ର ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅନ୍ତର୍ଗତ ଜୁନାପାଣି ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଆସି ବିଦ୍ୟାଳୟର ଭିତ୍ତିଭୂମି, ସ୍ୱଚ୍ଛତା, ସକ୍ଷମ କେନ୍ଦ୍ର, ବିଜ୍ଞାନ ପ୍ରୟୋଗଶାଳା ଓ ପୋଷଣ କାର୍ଯ୍ୟକ୍ରମର ତଦାରଖ କରିଛନ୍ତି । ଛାତ୍ରଛାତ୍ରୀମାନଙ୍କ ସହ ବିଭିନ୍ନ ବିଷୟରେ ସେ ଆଲୋଚନା

କରି ସେମାନଙ୍କୁ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି ।

---

## ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଗାମୀ ଗଜଲକ୍ଷ୍ମୀ ପୂଜାକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିବା ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀପୂଜା ୧୦୦ ବର୍ଷ ପୂରଣ କରୁଥିବାରୁ ଏହାକୁ ଭବ୍ୟ ଏବଂ ଦିବ୍ୟ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ପୂଜାକମିଟି ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରୁ ଜଣାପଡିଛି ।

---

## ଭୋଟର ତାଲିକା

ଭଦ୍ରକ ଜିଲ୍ଲାରେ ଯୋଗ୍ୟ ଭୋଟରମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା ଉଦ୍ଦେଶ୍ୟରେ ସମସ୍ତ ୧ହଜାର ୭୩୦ଟି ବୁଥ୍‌ରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି । ୨୫ଜଣ ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ସମେତ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ଭୋଟରତାଲିକା ସମ୍ପର୍କିତ ତଥ୍ୟ ଯାଞ୍ଚ କରୁଥିବା ଜଣାପଡିଛି ।

---

## ବନ୍ଦେ ମାତରମ୍ କ୍ୟାମ୍ପ

ସମ୍ବଲପୁର ଜିଲ୍ଲାପ୍ରଶାସନ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହଯୋଗରେ ଅନୁଷ୍ଠିତ ଶିକ୍ଷଣୀୟ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୫୦ରୁ ଅଧିକ ଯୁବକଯୁବତୀ ଜିଲ୍ଲାର ଐତିହାସିକ,

ସାଂସ୍କୃତିକ ଓ ପ୍ରାକୃତିକ ସମ୍ପଦ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି । ବନ୍ଦେ ମାତରମ୍ କ୍ୟାମ୍ପ ଅବସରରେ ମେରା ଯୁବ ଭାରତ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ହୀରାକୁଦ ଡ୍ୟାମ୍, ପାଓ୍ୱାର ହାଉସ୍, ନେହେରୁ ମୀନାର ଓ ଘଣ୍ଟେଶ୍ୱରୀ ମନ୍ଦିର ଆଦି ପରିଦର୍ଶନ କରିଥିଲେ ।

## ବାରୁଗୁଣା ପାଳନ

ଦଶହରା ପର୍ବ ଅବସରରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଗ୍ରାମରେ ପାରମ୍ପରିକ ବାରୁଗୁଣା ପାଳନ କରାଯାଇଛି । ବିଭିନ୍ନ ବୟସର ଝିଅମାନେ ବାଉଁଶ ଚାଙ୍ଗୁଡି ଓ ପତ୍ରରେ ତିଆରି ଦନାରେ ନଦୀ ଓ ନାଳରୁ ବାଲି ସଂଗ୍ରହ କରି ସେଥିରେ ମକ୍କା, ମାଣ୍ଡିଆ ଆଦି ଶସ୍ୟ ବୁଣିଥିଲେ । ଦଶହରା ପୂର୍ବଦିନ ଉପବାସ ପାଳନ ପୂର୍ବକ ସେମାନେ ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି ।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ଓ ଓଡ଼ିଶା ନ୍ୟାୟିକ ଏକାଡେମୀର ମିଳିତ ସହଯୋଗରେ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଟକସ୍ଥିତ ଓଡ଼ିଶା ନ୍ୟାୟିକ ଏକାଡେମୀରେ ଅନୁଷ୍ଠିତ ଶିବିରରେ ରାଜ୍ୟ ଆଇନ୍ ବିଭାଗର ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ ଏବଂ ପୂର୍ବତନ ବିଚାରପତି ଦୁର୍ଗାପ୍ରସନ୍ନ ଚୌଧୁରୀ ଆଇନ୍‌ସେବା କ୍ରିୟାଶୀଳ କରିବା ଦିଗରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ସମୀକ୍ଷା ବୈଠକ

ବରଗଡ ପୌରାଞ୍ଚଳ ଏବଂ ଏହାର ଆଖପାଖ ୨୧ଟି ଗ୍ରାମକୁ ନେଇ ପ୍ରସ୍ତୁତ ବରଗଡ ମାଷ୍ଟର ପ୍ଲାନ ୨୦୪୦ ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଆଗାମୀ ୧୫ ବର୍ଷ ପାଇଁ ମାଷ୍ଟର ପ୍ଲାନରେ ରାସ୍ତା ସଂଯୋଗୀକରଣ, ଜଳ ନିଷ୍କାସନ, ପରିବେଶ ସନ୍ତୁଳନ ଓ ଭିତ୍ତିଭୂମି ବିକାଶ ଭଳି ପଦକ୍ଷେପ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି ।